# ପିପି କଲେଜ ବାର୍ଷିକ କ୍ରୀଡା ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି,୨୧।୧(ସମିସ): ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ୪୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ସଂସଦର ସଭାପତି ତଥା କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ବିଡିଓ ଦ୍ୱିବେନ୍ଦୁ ଦାସ, ସମ୍ମାନୀତ ଅତିଥି ଭାବେ କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ, ପ୍ରାଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। +୨କ୍ରୀଡା ସଂସଦର ଉପସଭାପତି ଡ. ପ୍ରସନ୍ନ କୁମାର ଦାସଙ୍କ ସଂଯୋଜନାରେ ଏଥିରେ +୩ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଦୀପକ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। +୨ ଶ୍ରେଣୀର ବାଳକ ବିଭାଗରେ ଶ୍ରେଷ୍ଠ କ୍ରୀଡା ନୈପୁଣ ପ୍ରଦର୍ଶନ ପାଇଁ ଯୁଗ୍ମଭାବେ ସେକ ତନୱାର ଇସଲାମ୍ ଏବଂ ସେକ୍ ରିଜୁଆନ ଅଲ୍ଲୀ, ବାଳିକା ବର୍ଗରେ କୁମାରୀ ରାଜଲକ୍ଷ୍ମୀ ନାୟକ, +୩ ଶ୍ରେଣୀରେ ସ୍ୱାଧୀନ ପଣ୍ଡା, ସୁଜାତା ସେଠୀ, ରଶ୍ମିତା ବେହେରାଙ୍କୁ ସ୍ୱତନ୍ତ୍ର ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଯୁଗାନ୍ତର ନାୟକ, ହରପ୍ରିୟା ମହାପାତ୍ର, ଉମାକାନ୍ତ ସ୍ୱାଇଁ କ୍ରୀଡା ପରିଚାଳନା କରିଥିଲେ। ଉପସଭାପତି ଅଧ୍ୟାପକ ପ୍ରଦୀପ୍ତ ମହାନ୍ତି, ଡ. ବିଶ୍ୱଜିତ ବେହେରା, ଅଧ୍ୟାପିକା ସଂଗୀତା ସେଠୀ, ଡ. ଅଲେଖ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ରାଜେଶ ପଣ୍ଡା, ଅଧ୍ୟାପକ ଅମରିଶ ସ୍ୱାଇଁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା

ନିଶ୍ଚିନ୍ତକୋଇଲି,୨୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତରତଠାରେ ଥିବା ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରାଯାଇ ଏହା କିପରି ସୂଚାରୁ ରୂପେ ପରିଚାଳିତ ହୋଇପାରିବ ସେ ନେଇ ସ୍ଥିର କରାଯାଇଥିଲା। ଏହି ମଞ୍ଚରେ କାର୍ଯ୍ୟରତ କର୍ମକର୍ତ୍ତାମାନଙ୍କର କାର୍ଯ୍ୟକାଳ ପୁରି ଯାଇଥିବାରୁ ଏକ ନୂତନ କମିଟି ଗଠନ କରାଯାଇ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ମଞ୍ଚର ସଭାପତି ଭାବେ ଶରତ ଚନ୍ଦ୍ର ଦାସ, ଉପସଭାପତି ଭାବେ ଅଜୟ ମଲ୍ଲ, ସଂପାଦକ ଭାବେ ଧନେଶ୍ୱର ସେଠୀ, ସହ ସଂପାଦକ ଭାବେ ରଘୁନାଥ ଶତପଥି, କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ନିର୍ବାଚନ ପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ମଞ୍ଚର ସମସ୍ତ ପ୍ରକାର କାମକୁ କିଭଳି ଶୃଙ୍ଖଳିତ ଓ ସୂଚାରୁ ରୂପେ ଆଗେଇ ନେବେ ସେ ନେଇ ଉପସ୍ଥିତ ସଭ୍ୟମାନଙ୍କୁ ପ୍ରତିଶୃତି ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ ମିସ୍ତ୍ରୀଙ୍କ ଅକାଳ ବିୟୋଗ

ନିଶ୍ଚିନ୍ତକୋଇଲି,୨୧।୧(ସମିସ): କୋଲଣପୁର ପଞ୍ଚାୟତ ଅଢଙ୍ଗା ଗ୍ରାମର ବିଦ୍ୟୁତ ମିସ୍ତ୍ରୀ ଶ୍ୟାମସୁନ୍ଦର ନାୟକ(୫୨)ଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଶ୍ୟାମସୁନ୍ଦର ପେଶାରେ ବିଦ୍ୟୁତ ମିସ୍ତ୍ରୀ ହୋଇଥିଲେ ମଧ୍ୟ ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସେ ସକ୍ରିୟ ଅଂଶଗ୍ରହଣ କରୁଥିବାରୁ ତାଙ୍କୁ ସମସ୍ତେ ଏ ଅଞ୍ଚଳରେ ଭଲ ପାଉଥିଲେ। ତାଙ୍କ ମୃତ୍ୟୁରେ ରାଧାଶ୍ୟାମ ନାୟକ, ଦାମୋଦର ନାୟକ, ପ୍ରହଲ୍ଲାଦ ନାୟକ, ବିଜୟ ଦାସ, ଅଜୟ ଦୀକ୍ଷିତ୍, ସୁରେନ୍ଦ୍ର ନାୟକ, ଗୌରହରି ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଚିତ୍ରୋତ୍ପଳା ନଦୀ ତଟରେ ଶୋକକୂଳ ପରିବେଶରେ ଶବ ଦାହ କରାଯାଇଥିଲା। ପୁତୁରା ସତ୍ୟଜିତ୍ ନାୟକ ମୁଖାଗ୍ନି ଦେଇଥିଲେ।

# ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି,୨୧।୧(ସମିସ): ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ୧୫ ଦିନ ଧରି ଚାଲିଥିବା ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଦିନ ଉଦ୍‌ଯାପିତ ହୋଇଛି। ଅଧ୍ୟାପିକା ଦିବ୍ୟାରାଣୀ ବେହେରାଙ୍କ ସଂଯୋଜନାରେ ଏହି ଶିବିରରେ ୧୧୬ ଜଣ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ନିଜକୁ ସୁରକ୍ଷା ଦେବା ପାଇଁ ପ୍ରଶିକ୍ଷିକା ପ୍ରୀତିଛନ୍ଦା ଦାସ ଓ ଶୁଭଲକ୍ଷ୍ମୀ ସିଂଙ୍କ ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହାର ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ, ଅଧ୍ୟାପିକା ଡ. କବିତା ଷଡଙ୍ଗୀ, ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ଅଧ୍ୟାପକ ମନମୋହନ ଖଟୁଆ, ଅଧ୍ୟାପକ ସୁଧୀର ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ବିଭିନ୍ନ ବିପଦ ଆପଦ ସମୟରେ ଏହାକୁ ପ୍ରୟୋଗ କରି ନିଜକୁ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶେଷରେ ସଞ୍ଚାଳିକା ଦିବ୍ୟାରାଣୀ ବେହେରା ଧନ୍ୟବାଦ ଦେଇଥିଲେ।

# ଜିଗ୍ନିପୁର ସ୍କୁଲ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି,୨୧।୧(ସମିସ): ଜିଗ୍ନିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମୀନାକୁମାରୀ ସେଠୀଙ୍କ ସଂଯୋଜନାରେ ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା କରାଯାଇଥିଲା। ସିଆରସିସି ପିତାମ୍ବର ବେହେରାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତିଲୋତ୍ତମା ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବସନ୍ତ ବିହାରୀ କର, ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ବଳରାମ ପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ ରାଉତ, ଉତ୍ସବ ଚରଣ ଦାସ, ପରିଚାଳନା କମିଟିର ସଭାପତି ସନ୍ତୋଷ ଦାସ, ପ୍ରାକ୍ତନ ସଭାପତି ଭବାନୀ ପାଣିଗ୍ରାହୀ, ଦୀପକ ପରିଡା ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡାରେ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଭାରତୀ ଦାସ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ରୋଜାଲିନ୍ ସେଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମେର ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ ବହୁ ଅଭିଭାବକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# କିଶନନଗର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କିଶନନଗର,୨୧।୧(ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ମହାବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ ଆଜି ମଙ୍ଗଳବାର ମହାଆଡ଼ମ୍ବରର ସହିତ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସମାଜସେବୀ ତନ୍ମୟ ଦାସ, ପୂର୍ବତନ ଅଧ୍ୟକ୍ଷ ରତ୍ନାକର ରାୟ, ସିନେ ତାରକା ଲିପି ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡ଼ ଅନାଦି ବରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ଼ ବିଜୟ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହିତ ମହାବିଦ୍ୟାଳୟର ବିକାଶ ଉପରେ ବିଧାୟକ ଶ୍ରୀ ସେଠୀ ଆଲୋକପାତ କରିଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭମ୍ ଦାସଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ଅଧ୍ୟାପିକା ବିଦିଶା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ମେଡିସିନ ଷ୍ଟୋରରେ ନକଲି ଡାକ୍ତର ଘଟଣା

# ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉ

ନିଶ୍ଚିନ୍ତକୋଇଲି,୨୧।୧(ସମିସ):

ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ଛକଠାରେ ଥିବା ଟୁକୁନା ମେଡିସିନ ଷ୍ଟୋରକୁ ଜଣେ ନକଲି ଡାକ୍ତର ଆସି ରୋଗୀ ଦେଖୁଥିବା ନେଇ ସ୍ଥାନୀୟ ଅଞ୍ଚଳ ବାସିନ୍ଦାମାନେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ରାଜ୍ୟପାଳ କଟକ ଜିଲ୍ଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶ ପାଇବାର ଏକ ମାସ ପର୍ଯ୍ୟନ୍ତ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଏ ସଂକ୍ରାନ୍ତରେ ଦୈନିକ ସକାଳରେ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ପ୍ରକାଶ ପାଇବା ପରେ ଗତ ୧୬ ତାରିଖ ଦିନ ଏହି ମେଡିସିନ ଷ୍ଟୋରରେ ବସୁଥିବା ନକଲି ଡାକ୍ତରଙ୍କ ସଂକ୍ରାନ୍ତରେ ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରୀ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାରେ ଅତିରିକ୍ତ ଜିଲ୍ଲାପାଳ ଡ.ଦିବ୍ୟଲୋଚନ ମହନ୍ତ ଜିଲ୍ଲା ପ୍ରଶାସନସ୍ତରରେ



ଏକ ୧୦ ଜଣିଆ ତଦନ୍ତକାରୀ ଦଳ ଗଠନ କରି କଟିକଟାରେ ଥିବା ଟୁକୁନା ମେଡିସିନ ଷ୍ଟୋର ଉପରେ ଚଢଉ କରିଥିଲେ। ଏହି ତଦନ୍ତକାରୀ ଦଳରେ ସ୍ଥାନୀୟ ପୁଲିସ, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରର ଚିକିତ୍ସାଧିକାରୀ ଏବଂ ଔଷଧ ବିଭାଗ ଅଧିକାରୀମାନଙ୍କ ଦ୍ୱାରା ଚଢଉ କରାଯାଇଥିଲା। ସଂପୃକ୍ତ ତଦନ୍ତକାରୀ ଦଳ ଦୀର୍ଘ ୩ ଘଣ୍ଟା କାଳ ମେଡିସିନ ଷ୍ଟୋରର ବିଭିନ୍ନ କାଗଜପତ୍ର ଏବଂ ଦୋକାନରେ ଥିବା ଔଷଧର ଯାଞ୍ଚ କରିଥିବା ବେଳେ ଅଭିଯୋଗ ଆଧାରରେ ତାଙ୍କ ଷ୍ଟୋରକୁ ପୂର୍ବରୁ ଆସୁଥିବା ନକଲି ଡାକ୍ତରଙ୍କ ସଂକ୍ରାନ୍ତରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା ଜଣାଯାଇଛି। ପ୍ରକୃତରେ ସଂପୃକ୍ତ ଡାକ୍ତର ଜଣକ ନକଲି କି ଅସିଲି ସେ ସଂକ୍ରାନ୍ତରେ ସ୍ପଷ୍ଟ କରିବା ପାଇଁ ଏ ଅଞ୍ଚଳର ଜନସାଧାରଣମାନେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ ପୂର୍ବରୁ ଚିକିତ୍ସା ବିଭାଗ ଓ ଔଷଧୀୟ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଫଳାଫଳ ଜଣାପଡିନାହିଁ। ଏଥର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ହୋଇଥିବା ତଦନ୍ତକାରୀ ଦଳ ମେଡିସିନ ଷ୍ଟୋର ଉପରେ ଚଢଉ କରି କିଭଳି ରିପୋର୍ଟ ପ୍ରଦାନ କରିବେ ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ନିଜିଗଡ଼ ଧାନ ମଣ୍ଡି ଉଦ୍‌ଘାଟିତ



ବଡ଼ମ୍ବା,୨୧।୧(ସମିସ): ମଙ୍ଗଳବାର ବଡମ୍ବା ବ୍ଲକ ନିଜିଗଡ ପଞ୍ଚାୟତରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି ମଣ୍ଡିର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆତ୍ମା ଅଧକ୍ଷ ମହେନ୍ଦ୍ର ପଢିଆରୀ, ଏସି.ଏସ.ଓ ବିଷ୍ଣୁ ଚରଣ ପରିଡା, ଏ.ଆର.ସି.ଏସ ଯଦୁମଣି ନାୟକ, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ବାଙ୍କୀ ସମବାୟ ସମିତି ନିର୍ଦ୍ଦେଶକ ତଥା ସମିତିର ସଭାପତି, ବାଙ୍କୀ ବ୍ୟାଙ୍କ ବଡମ୍ବା ଶାଖାର ପରିଚାଳକ ସୂର୍ଯ୍ୟମଣି ମଲ୍ଲିକ, ନୋଡାଲ ଅଧିକାରୀ ସୁକାନ୍ତ ସେଠୀ ଯୋଗଦାନ କରିଥିଲେ। ପ୍ରଥମ ଦିନରେ ୨୪୩ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଆଜି ୨୩ ଜଣ ଚାଷୀଙ୍କ ଠାରୁ ପ୍ରାୟ ୬୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଏନେଇ ସମବାୟ ସମିତିର ସଂପାଦକ କେଶବ ତରାସିଆ ସୂଚନା ଦେଇଥିବା ବେଳେ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ବଡମ୍ବା ତହସିଲଦାର ପ୍ରମୋଦ ବାସ୍କେ, ଏସି.ଏସ.ଓ ବିଷ୍ଣୁ ଚରଣ ପରିଡା ଯୋଗଦେଇ ଧାନ ମଣ୍ଡିର ଉଦଘାଟନ କରିଛନ୍ତି।

# ଅରିଲୋରେ ଖୋଲିଲା ଧାନ ମଣ୍ଡି

କିଶନନଗର,୨୧।୧(ସମିସ): କଟକ ସଦର ଅନ୍ତର୍ଗତ ଅରିଲୋ କୃଷକ ସେବା ସମବାୟ ସମିତି ପକ୍ଷରୁ ହେବାକୁ ଥିବା ଧାନ ମଣ୍ଡି ସ୍ଥାନ ନିରୂପଣକୁ ନେଇ ଲାଗି ରହିଥିବା ଟଣାଓଟରା ଶେଷରେ ପ୍ରଶାସନିକସ୍ତରରେ ସମାଧାନ ହୋଇ ଆଜି ସୋମବାର ଦିନ ସୋମପୁର ପରିବର୍ତ୍ତେ ଅରିଲୋ ଠାରେ ଉଦଘାଟିତ ହୋଇଛି। ଏହାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କିଶନନଗର ତହସିଲଦାର କ୍ଷିରୋଦ କୁମାର ଦାଶଙ୍କ ସହିତ ଉଦଘାଟନ କରିଛନ୍ତି। ଏହି ଉପଲକ୍ଷେ ସମିତି ସଭାପତି କୈଳାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏବଂ ବିମଳ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଧାୟକ ଇଂ ସେଠୀଙ୍କ ସମେତ କୃଷକ ନେତା ହୃଷିକେଶ ଜେନା, ସାଧୁ ଚରଣ ଜେନା, ଚିତ୍ତରଞ୍ଜନ ସାହୁ, କିଶନନଗର ସମିତି ସଭାପତି ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପରିଚାଳନାରେ ଅକ୍ଷୟ ସାହୁ, ଶୁଭେନ୍ଦୁ ପଣ୍ଡା, ଜ୍ୟୋତିପ୍ରକାଶ ନନ୍ଦ, ତପନ ଖୁଣ୍ଟିଆ, ଅଶୋକ ବେହେରା, ସକିଲ ଅହମ୍ମଦ ପ୍ରମୁଖ ସହାୟତା କରିଥିଲେ। ଶେଷରେ ସମିତି ସଂପାଦକ ପ୍ରଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ ଉକ୍ତ ମଣ୍ଡିରେ ଧରିଣା, ସୋମପୁର ଓ ଅରିଲୋ ତିନୋଟି ପଞ୍ଚାୟତର ୫୩୨ ଜଣ ଚାଷୀ ୧୭ ହଜାର ୧ ଶହ କୁଇଣ୍ଟାଲ ଧାନ ଚଳିତବର୍ଷ ଦେବାକୁ ଥିବା ବେଳେ ଆଜି ୧୭ ଜଣ ଚାଷୀ, ୭୫୦ କୁଇଣ୍ଟାଲ ଧାନ ଦେଇଥିବା ଜଣାପଡିଛି।

# ହଳଦୀବସନ୍ତ ଓ କହ୍ନେଇପୁରରେ ଧାନମଣ୍ଡି ଉଦ୍‌ଘାଟିତ

ଟାଙ୍ଗୀ,୨୧।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଓ କହ୍ନେଇପୁର ପଞ୍ଚାୟତ କହ୍ନେଇପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଉଭୟ ମଣ୍ଡିକୁ ଉଦଘାଟନ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୧ଟାରେ ହଳଦୀବସନ୍ତ ସମିତି ପକ୍ଷରୁ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଙ୍କ ସହ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସୁବାସ ବେଉରା ସମିତି ସଭାପତି କରୁଣାକର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ଧାନ ବିକ୍ରୟ ନିମନ୍ତେ ୭୩୧ ଜଣ ଚାଷୀ ନାମ ପଞ୍ଜିକୃତ କରିଥିବାବେଳେ ପ୍ରଥମ ଦିବସରେ ୭ ଶହ କ୍ୱିଣ୍ଟାଲ ଧାନ ବିକ୍ରି ଲକ୍ଷ୍ୟ ଥିବା ସମ୍ପାଦକ ନିକୁଞ୍ଜ ବେଉରା ଜଣାଇଛନ୍ତି। ସେହିପରି ୫୧୭ ଜଣ ଚାଷୀ ନାମ ପଞ୍ଜିକୃତ କରିଥିବା କହ୍ନେଇପୁର ସମବାୟ ସମିତିର ମଣ୍ଡି ଉଦଘାଟନ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ



ହେମନ୍ତ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀ, ସରପଞ୍ଚ ଭରତ ବେହେରା, ପ୍ରାକ୍ତନ ସମିତିସଭ୍ୟ ତଥା ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ନାୟକ ଓ ବିଜେପି ସଂଗଠକ ସୁକାନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମିତି ସଭାପତି ଚଣ୍ଡି ପ୍ରକାଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଥମ ଦିବସରେ ୫ ଶହ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଥିବା ସୂଚନା ଦେଇଛନ୍ତି।

# ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତିଗିରିଆ,୨୧।୧(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ରାଉତ, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ଭୋଗଡା ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ, ସମିତିସଭ୍ୟା ମାମି ଦେହୁରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ସାହୁ, ସହ ଶିକ୍ଷାଧିକାରୀ ତଥା ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେହୁରୀ, ନୂଆପାଟଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ଗଦାଧରପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୫୦ଟି ବିଭାଗରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ପ୍ରିୟଂଶି ପ୍ରିୟଦର୍ଶିନୀଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରାଯିବା ସହ ଛାତ୍ରୀ ସୌମ୍ୟା ଶୁଭଦର୍ଶିନୀ ଗୁଇଁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଖଟୁଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବଡମ୍ବା ମଣ୍ଡଳସ୍ତରୀୟ ଅଟଳ ବୟୋ ଅଭ୍ୟୁଦୟ ଯୋଜନା



ବଡମ୍ବା,୨୧।୧(ସମିସ): ବଡମ୍ବା ଟାଉନ ଅନ୍ତର୍ଗତ ଶତାୟୁ ବିଦ୍ୟାଳୟ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ବଡମ୍ବା ପରିସରରେ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଅବସରରେ ମଣ୍ଡଳସ୍ତରୀୟ ଅଟଳ ବୟୋ ଅଭ୍ୟୁଦୟ ଯୋଜନାରେ ମଣ୍ଡଳସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବନ୍ଦେ ମାତରମ ଉପରେ ପ୍ରବନ୍ଧ, ସାଧାରଣଜ୍ଞାନ, ତର୍କ ଓ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତା ମାନ କରାଯାଇଥିଲା। ୮ମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରେ ଏହି ପ୍ରତିଯୋଗିତା କରାଯାଇ ପୁରସ୍କାର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା, କୈଳାଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଆୟୋଜକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କରଣ, ଜ୍ଞାନେନ୍ଦ୍ର ରାଉତ, ଦୁର୍ଗା ଚରଣ ମଲ୍ଲ, ସିଆରସିସି ବଳଭଦ୍ର ଜେନା, ସରିତାରାଣୀ ଜେନା ଓ ଯୋଗେଶ ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# କନ୍ଦରପୁର ମହାବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବୈଠକ



କନ୍ଦରପୁର,୨୧।୧(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ୧୯୭୯-୮୧ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ୩ୟ ବାର୍ଷିକୀ ସଭା ବ୍ରହ୍ମପୁର ମା ଭଗବତୀଙ୍କ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସର୍ବ ପ୍ରଥମେ ଇହଲୀଳା ସମ୍ବରଣ କରିଥିବା ସାଥୀ ସ୍ୱର୍ଗତ ଲୀଳାବତୀ ସାହୁ, ରାମଚନ୍ଦ୍ର ନନ୍ଦୀ ଓ ପ୍ରଦୀପ ଲେଙ୍କାଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରୀ ସଂଯୁକ୍ତା ମହାରଣାଙ୍କ ପରିଚାଳନାରେ ଅତିଥି ମଳୟ କୁମାର ଶତପଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହାବିଦ୍ୟାଳୟର ଶିକ୍ଷା ଓ ବିକାଶ ଉପରେ ଆଲୋକପାତ କରିଥିଲେ। ଆୟୋଜିତ ସଭାରେ ମଳୟ ଶତପଥୀ ଓ ଅଶୋକ ଦାଶଙ୍କ ଦ୍ୱାରା ରଚିତ ବନ୍ଧୁଙ୍କ ଉପରେ ଆଧାରିତ କବିତା ପାଠ କରାଯାଇଥିଲା। ଉକ୍ତ ସଭାରେ ଭାରତୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଭା ପରିଚାଳନାରେ ଅତନୁ ଦାସ, ଶୈଳେନ୍ଦ୍ର ମିଶ୍ର, ଅଶୋକ ଦାସ, ହରେକୃଷ୍ଣ ପ୍ରଧାନ, ବିଶ୍ୱମ୍ବର ଦାସ, ଅମିତ୍ ସାହୁ ଓ ପ୍ରଦୀପ ବିଶ୍ୱାଳ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଲକ୍ଷେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

# ରାତ୍ର ୧୧ଟାରେ ଉଠିବ ମହାଦୀପ

ଫୁଲନଖରା,୨୧।୧(ସମିସ): ନଖରା ମୌଜାସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଆସନ୍ତା ଯାଗର ଯାତ୍ରା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ

### ଅପରାହ୍ନ ୪ଟାରେ ବଡ଼ସିଂହାର ବେଶ
### ଶୃଙ୍ଖଳିତ ଦର୍ଶନ ପାଇଁ ବାରିକେଡ

ଉକ୍ତ ବୈଠକରେ ଆସନ୍ତା ଯାଗରଯାତ୍ରାକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ନିମନ୍ତେ ବିଭିନ୍ନ ପ୍ରସ୍ତାବମାନ ଗୃହିତ ହୋଇଥିଲା। ସେବକମାନଙ୍କ ନିଷ୍ପତ୍ତିକ୍ରମେ ଯାଗର ଯାତ୍ରା ଦିନ ଠାକୁରଙ୍କ ପ୍ରାତଃ ନୀତିକାନ୍ତି ପରେ ରାତ୍ର ୩ ଘଟିକା ସମୟରେ ସର୍ବସାଧାରଣ ଦର୍ଶନ ନିମନ୍ତେ ମନ୍ଦିର ଦ୍ୱାରଫିଟା ହେବ। ମଧ୍ୟାହ୍ନ ଅନ୍ନପ୍ରସାଦ ଦିବା ୧ଘଟିକା, ଅପରାହ୍ନ ୪ଟାରେ ଶ୍ରୀଜୀୟୁଙ୍କ ବଡସିଂହାର ବେଶ ଓ ରାତ୍ର ୧୧ଟା ସମୟରେ ମନ୍ଦିର ଉପରକୁ ମହାଦୀପ ଉଠିବା ପାଇଁ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ପ୍ରତିବର୍ଷ ପରି ଶ୍ରୀ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ଭକ୍ତମାନଙ୍କ ସମାଗମ ଦୃଷ୍ଟିରୁ ଗାଡି ପାର୍କିଂର ସୁବନ୍ଦୋବସ୍ତ, ଧାଡିଦର୍ଶନ ନିମନ୍ତେ ବାରିକେଡ୍, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ମୀନାବଜାର ପାଇଁ ସୁବନ୍ଦୋବସ୍ତ, ସୂଚନା କେନ୍ଦ୍ର ସହ ପୁଲିସ ସହାୟତା କେନ୍ଦ୍ର ମନ୍ଦିର ପରିସର ମଧ୍ୟରେ ରହିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ଉକ୍ତ ଦିନ ରାତ୍ର ସମୟରେ ଭକ୍ତମାନେ ଦୀପ ଜାଳିବା ପାଇଁ ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପରିସର ବୃଦ୍ଧି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପାହାଳଥାନା ଅତିରିକ୍ତ ଆଇଆଇସି ସୋନିଲା ଆନନ୍ଦ, ଏଏସଆଇ ନିଳାମ୍ବର ସାହୁ ଉକ୍ତ ବୈଠକରେ ଯୋଗଦେବା ସଂଗେ ସଂଗେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଅଧିକ ପୁଲିସ ମୁତୟନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଭଜନ ମଣ୍ଡପ, ମୀନାବଜାର ଓ ଭକ୍ତମାନେ ଦୀପ ଜାଳିବା ପାଇଁ ନିରୂପିତ ସ୍ଥାନ ପରିଦର୍ଶନ କରିଥିଲେ। ଉକ୍ତ ବୈଠକରେ ଟ୍ରଷ୍ଟି ବଂଶୀଧର ଭୋଳ, ଧୀରେନ୍ଦ୍ର ପାତ୍ରୀ, ଉପଦେଷ୍ଟା ମଣ୍ଡଳୀର କିଶୋର ପଟ୍ଟନାୟକ, କିଶୋର ବରାଳ, ବଳରାମ ସାହୁ, ପ୍ରଶାନ୍ତ ମହାନ୍ତି, କାନନ ନାୟକ, ପ୍ରଭାତ ବରାଳ, ବଲ୍ଲଭ ଜେନା, ଗଗନ ଭୂୟାଁ, ବିଚିତ୍ରାନନ୍ଦ ଦଳାଇ, ପ୍ରସନ୍ନ ମହାନ୍ତି, ସୁକାନ୍ତ ଭୋଇ, ନରେଶ ମହାନ୍ତି, ଅଭୟ ଜେନା, ଲକ୍ଷ୍ମୀଧର ମହାନ୍ତି, ଜିତେନ୍ଦ୍ର ଭୋଳ, ନୂତନ ସାହୁ, ଅଭୟ ଜେନା ଓ ସଚିତ୍ର ସାହୁ ପ୍ରମୁଖ ଉପସ୍ଥିତ ରହିବା ସହ ବୈଠକର ନିଷ୍ପତ୍ତି ଅନୁଯାୟୀ ବଣ୍ଟନ କରାଯାଇଥିବା ଦାୟିତ୍ୱକୁ ତୁଲାଇବା ପାଇଁ ସହମତି ପ୍ରଦାନ କରିଥିଲେ।



### ତିଗିରିଆରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ୪ ମାସ ହେଲା ଖାଲି ପଡ଼ିଛି ଆଇଆଇସି ପଦ

ତିଗିରିଆ,୨୧।୧(ସମିସ):

କଟକ ଜିଲ୍ଲା ତିଗିରିଆ ଥାନା ଅଞ୍ଚଳରେ ଏବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘ ୪ ମାସ ବା ୧୨୦ ଦିନ ଧରି ଥାନା ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ଅସାମାଜିକ ତତ୍ତ୍ୱ ଓ ମାଫିଆମାନେ ଏବେ ବେଲଗାମ ହୋଇପଡ଼ିଛନ୍ତି। ପୂର୍ବରୁ ନିୟନ୍ତ୍ରଣରେ ଥିବା ଗୋ-ମାଫିଆ, ଖଣି ମାଫିଆ ଓ ନିଶା କାରବାର ସହ ଜଡ଼ିତ ବ୍ୟକ୍ତିମାନେ ପୁଣି ଥରେ ସକ୍ରିୟ ହୋଇଉଠିଥିବା ବେଳେ ପ୍ରଶାସନର ନିରବତା ସ୍ଥାନୀୟ ବାସିନ୍ଦାଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁଯାୟୀ, ତିଗିରିଆ ଥାନାର ପୂର୍ବତନ ଆଇଆଇସି ସମରେନ୍ଦ୍ର ପାଇକରାୟ ଜଣେ ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଭାବେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରାୟ ୯୫ ପ୍ରତିଶତ କମାଇ ଦେଇଥିଲେ। ମାତ୍ର ଗତ ବର୍ଷ ସେପ୍ଟେମ୍ବର ୨୨ ତାରିଖରେ ତାଙ୍କର ନିମାପଡ଼ାକୁ ବଦଳି ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ନୂତନ ଅଧିକାରୀ ଯୋଗ ଦେଇନାହାନ୍ତି। ଏହି ପ୍ରଶାସନିକ ଶୂନ୍ୟତା ଯୋଗୁଁ ପୂର୍ବରୁ ଲୁଚାଚୋରାରେ ଚାଲିଥିବା ଗୋ-ମାଂସ ବ୍ୟବସାୟ ଏବେ ଦିନ ଦ୍ୱିପ୍ରହରେ ବେଧଡ଼କ ଭାବେ ଚାଲିଛି। ଦୁଇ ଚକିଆ ଓ ଚାରି ଚକିଆ ଯାନ ମାଧ୍ୟମରେ ମାଂସ ରପ୍ତାନୀ ବୃଦ୍ଧି ପାଇଛି। ଗତକାଲି ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନାରେ ଥାନା ଅଧିକାରୀ ଅଦଳବଦଳ ଓ ପଦବୀ ପୂରଣ କରାଯାଇଥିଲେ ହେଁ, ତିଗିରିଆ ଭଳି ସ୍ପର୍ଶକାତର ଅଞ୍ଚଳ ପ୍ରତି କୌଣସି ଆଗ୍ରହ ପ୍ରକାଶ ପାଇନାହିଁ। ଖଣି ମାଫିଆମାନେ ପୁଣି ଥରେ ରାଜସ୍ୱ ବିଭାଗକୁ ନାଲିଆଖି ଦେଖାଇ ପ୍ରାକୃତିକ ସମ୍ପଦ ଲୁଟ୍ କରିବାରେ ଲାଗିଛନ୍ତି। ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ଅସାମାଜିକ ଯୁବକମାନେ ଅଞ୍ଚଳର ଶାନ୍ତି ଭଙ୍ଗ କରୁଛନ୍ତି। ଥାନା ଇତିହାସରେ ମାସ ମାସ ଧରି ଜଣେ ଦକ୍ଷ ଅଧିକାରୀଙ୍କ ଅନୁପସ୍ଥିତି ରହିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ସାଧାରଣ ଲୋକଙ୍କ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ତୁରନ୍ତ ତିଗିରିଆ ଥାନାରେ ଜଣେ ସଚ୍ଚୋଟ ଓ ନିର୍ଭିକ ଆଇଆଇସି ନିଯୁକ୍ତି ଦେବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ଏହି ପଦବୀ ପୂରଣ କରା ନଯାଏ, ତେବେ ଜନ ଅସନ୍ତୋଷ ଉଗ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

- ମୁଣ୍ଡ ଟେକିଲେଣି ମାଫିଆ
- ଗୋ-ମାଂସ ଚୋରା ଚାଲାଣ ସହ ଖଣି ଲୁଟ୍ ବୃଦ୍ଧି
- ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

## ଇଂରାଜୀ ସାହିତ୍ୟରେ ଜାତୀୟ ଆଲୋଚନାଚକ୍ର




କଟକ,୨୧।୧(ସମିସ): ଦି ରିସର୍ଚ୍ଚସ ଆସୋସିଏସନ୍ ଓଡିଶା ତରଫରୁ ଇଂରାଜୀ ସାହିତ୍ୟରେ ଏକ ଦିନିକିଆ ଆଲୋଚନାଚକ୍ର "ଚୁଜିଙ୍ଗ ଏ ପୋଷ୍ଟ କଲୋନିଆଲ ରାଇଟର ଅଫ ଟୋଣ୍ଟିଏଥ ସେନଚୁରୀ ଅର ଟୋଣ୍ଟି ଫାଷ୍ଟ ସେନଚୁରୀ ଆକରସ ଦି ଓରଲଡ' ବିଷୟରେ ହୋଟେଲ ଆକବରୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଆସୋସିଏସନର ପ୍ରତିଷ୍ଠାତା ସଭାପତି ତଥା ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ବିଜୟ କୁମାର ଦାସ ସ୍ୱାଗତ ଭାଷଣ ଦେବା ସହିତ ଆଲୋଚନାଚକ୍ରର ବିଷୟ ବସ୍ତୁ ଉପରେ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ସୋରସୀ ମୋହନ ଦାନ ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରଫେସର ବି. ପାର୍ବତୀ ଅତିଥିଭାବେ ଯୋଗଦେଇ ଆସୋସିଏସନର ୩୨ତମ ଗବେଷଣାତ୍ମକ ପୁସ୍ତକ "ଦି କ୍ରିଟିକାଲ ଏଣ୍ଡଭର' ଉନ୍ମୋଚିତ କରିଥିଲେ। ଡ. ଦାନ ଆସୋସିଏସନ ୩୧ ବର୍ଷ ମଧ୍ୟରେ ଭାରତକୁ ଇଂରାଜୀ ସାହିତ୍ୟର ଅବଦାନ ଓ ଏହାର ପ୍ରତିଷ୍ଠାତା ବିଜୟ କୁମାର ଦାସଙ୍କ ଇଂରାଜୀ ସାହିତ୍ୟ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ଚକ୍ରର ବିଭିନ୍ନ ପର୍ଯ୍ୟାୟରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟର ପ୍ରଫେସର ଡ଼ଃ ସୋନାଲି ଦାସ, ପଶ୍ଚିମବଙ୍ଗର କାନ୍ଦ୍ରା କଲେଜର ପ୍ରାକ୍ତନ ଆସୋସିଏଟ ପ୍ରଫେସର ଡ. ସତ୍ୟସିନ୍ଧୁ ଘୋଷ, ଅରୁଣାଚଳପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କୃଷ୍ଣଚନ୍ଦ୍ର ମିଶ୍ର, ଅରୁଣାଚଳପ୍ରଦେଶର ଇଟାନଗର ଡେରା ନୁଜଙ୍ଗ କଲେଜର ଆସୋସିଏଟ ପ୍ରଫେସର ଜ୍ଞାନ ରଞ୍ଜନ ପାଢ଼ୀ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପୋଷ୍ଟ କଲୋନିଆଲ ଔପନ୍ୟାସିକ କବି ଯଥା ଭିଏସ ନାଇପ୍ରଲ, ବିକ୍ରମ ସେଠ, ଜିନ ରାଇସ, ନିସିମ ଏଜେକିଲ, ସଲମାନ୍ ରୁସିଦ, ରାଜାରାଓ, ରୋହିନିତିନ୍ ମିସ୍ତ୍ରୀ, ଅରୁନ୍ଧତୀ ରାୟ, ଶ୍ରୀ ଅରବିନ୍ଦଙ୍କ କୃତି ଉପରେ ଡ. ଦୋଲାନ୍ ରାଏ, ଡ. ସସ୍ମିତା ମହାନ୍ତି, ଡ. ପ୍ରଭାତୀ ପଣ୍ଡା, ଡ. ଉଜ୍ଜ୍ୱଳ ଦତ୍ତ, ଡ. ମୌସୁମୀ ମହାକୁଳ, ଡ. ସୋନାଲି ଦାସ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ପଣ୍ଡା, ଡ. ନଟବର ଜେନା, ଡ. ମନମୋହନ ମିଶ୍ରଙ୍କ ଦ୍ୱାରା ସନ୍ଦର୍ଭାତ୍ମକ ଆଲୋଚନା କରିଥିଲେ। ଡ. ବ୍ରଜକିଶୋର ପାଲ ପୂର୍ବ ଆଲୋଚନାଚକ୍ରର ବିବରଣୀ ପାଠ କରିଥିଲେ। ଡ. ସୋନାଲି ଦାସ, ଡ. ପ୍ରେମଲତା ରାଉତ, ଡ. ଦୋଲାନ ରାୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଭାତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ପ୍ରାନ୍ତରରୁ ପ୍ରଫେସର ଓ ଗବେଷକମାନେ ଯୋଗଦେଇଥିଲେ।

### ନରସିଂହପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଢେଙ୍କାନାଳକୁ ହରାଇ ସେମିରେ ବ୍ରହ୍ମପୁର



ନରସିଂହପୁର,୨୧।୧(ସମିସ): ନରସିଂହପୁର ବ୍ଲକ ଅଧୀନ ରେଞ୍ଜର ପଡ଼ିଆ ଠାରେ ନରସିଂହପୁର କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ ନରସିଂହପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଖେଳରେ ବ୍ରହ୍ମପୁର ସହିତ ଢେଙ୍କାନାଳ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଦଳ ପ୍ରଥମେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ବ୍ରହ୍ମପୁର ଦଳ ୨୦ ଓଭରରେ ୫ଟି ୱିକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ଢେଙ୍କାନାଳ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୭ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଆକାଶ ତ୍ରିପାଠୀ ୫୬ଟି ବଲରେ ୮୯ ରନ ଓ ୪ ଓଭରରେ ୨ଟି ୱିକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଅଶୋକ ରାଉତ ଓ ସଞ୍ଜୟ ଶତପଥୀ ପରିଚାଳନା କରିଥିବାବେଳେ ବିବେକାନନ୍ଦ ବେହେରା ଓ ଏମଡି ଅଫରଉଦ୍ଦିନ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା, କାହ୍ନୁଚରଣ ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ଖେଳରେ ନରସିଂହପୁର ସାମ୍ବାଦିକ ସଂଘର ସଭାପତି ଦେବୀ ପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ସର୍ବେଶ୍ୱର ସ୍ୱାଇଁ, ଦିବ୍ୟାଲୋଚନ ମହାନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଜୀୟାସ ପ୍ରଧାନ, ବିପିନ ରାଉତ, ପ୍ରଶାନ୍ତ ବେହେରା, ସମାଜସେବୀ ଗଙ୍ଗାଧର ସାମଲ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟରେ କଟକ ସହିତ ବ୍ରହ୍ମପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ମାହାଙ୍ଗା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଭଦ୍ରେଶ୍ୱର,୨୧।୧(ସମିସ): ସମସ୍ୟା ବହୁଳ ମାହାଙ୍ଗା ଥାନାରେ ନୂତନ ଆଇଆଇସି ରୂପେ ଆଜି ଯୁଗଳ କିଶୋର ଦାସ ଯୋଗଦାନ କରିଛନ୍ତି। ଏଠାରେ ସୂଚନା ଥାଉକି ଶ୍ରୀ ଦାସ ନିଶ୍ଚିନ୍ତକୋଇଲି ଥାନାର ଆଇଆଇସି ରୂପେ କାର୍ଯ୍ୟ କରୁଥିଲା ବେଳେ ତାଙ୍କର ମାହାଙ୍ଗା ଥାନାକୁ ବଦଳି ହୋଇଥିଲା। ଅପରପକ୍ଷରେ ପୂର୍ବରୁ ମଧ ଶ୍ରୀ ଦାସ ଦୀର୍ଘ ଦିନ ଧରି ମାହାଙ୍ଗା ଥାନାରେ ଆଇଆଇସି ରୂପେ କାର୍ଯ୍ୟ କରିଥିବାର ନଜିର ରହିଛି। ତେବେ ସମସ୍ୟା ବହୁଳ ଏବଂ ରାଜନୈତିକ ବିବାଦ ଘେରରେ ରହିଥିବା ମାହାଙ୍ଗା ଥାନାକୁ ଶ୍ରୀ ଦାସ କେତେଦୂର ଆଇନଶୃଙ୍ଖଳା ରକ୍ଷା କରିବାରେ ସକ୍ଷମ ହେଉଛନ୍ତି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଉଦ୍ଧାର ଶିଶୁକନ୍ୟା ଚୌଦ୍ୱାର ଶିଶୁ ସଦନକୁ ହସ୍ତାନ୍ତର

ଟାଙ୍ଗୀ,୨୧।୧(ସମିସ): ବୁଧବାର ସକାଳୁ ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ ନିର୍ଗୁଣ୍ଡି ରେଳ ଷ୍ଟେସନ ନିକଟରୁ ଏକ ୨ ବର୍ଷର ଶିଶୁକନ୍ୟାକୁ ଟାଙ୍ଗୀ ପୁଲିସ ଉଦ୍ଧାର କରିଥିବାବେଳେ ପରିଚୟ ମିଳି ନ ଥିବାରୁ ଶିଶୁଟିକୁ ଚୌଦ୍ୱାରସ୍ଥିତ ହୀନ୍ଦ ସେବକ ସଂଘ ତଥା ଶିଶୁସଦନକୁ ହସ୍ତାନ୍ତର କରାଯାଇଛି। ସାମାଜିକ ଗଣମାଧ୍ୟମରେ ପରିଚୟ ଖୋଜିବା ନିମନ୍ତେ ଯଥାସମ୍ଭବ ଚେଷ୍ଟା କରାଯିବା ପରେ ଏପରି ନିଷ୍ପତ୍ତି ନିଆଯାଇଥିବା ଆଇଆଇସି ଡାଃ. ବିକାଶ ସେଠୀ ସୂଚନା ଦେଇଛନ୍ତି।

## କଂଗ୍ରେସ ନେତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର



ତିଗିରିଆ,୨୧।୧(ସମିସ): ତିଗିରିଆ ବ୍ଲକର ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ମିଶ୍ରଙ୍କ ୧୬ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନିଜିଗଡ଼ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ-ତିଗିରିଆ ବ୍ଲକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ତଥା ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଦିବସ ପାଳନ ଓ ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିର ଆୟୋଜନ ପାଇଁ ସମସ୍ତ ରକ୍ତଦାତା ଓ ଯୁବ,ଛାତ୍ର କଂଗ୍ରେସ କମିଟିର ସଦସ୍ୟ, ଉପସ୍ଥିତ ଉଭୟ ବ୍ଲକର ବରିଷ୍ଠ କଂଗ୍ରେସ କର୍ମୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସାଂସଦ ସୁବାସ ମହାନ୍ତି, ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଅକ୍ଷୟ କୁମାର ତୁଙ୍ଗ ସାମନ୍ତ, ଯୁବ କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକ, ସମାଜସେବୀ ପ୍ରଣବ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ସରୋଜ ଦାଶ, ଶିକ୍ଷାବିତ ବାସନ୍ତୀ ମିଶ୍ରଙ୍କ ସମେତ ଶ୍ରୀକାନ୍ତ ମହାନ୍ତି, ହିମାଂଶୁ ଭୂଷଣ ମହାନ୍ତି, ଜ୍ଞାନରଞ୍ଜନ ଦାଶ, ନରେଶ ମହାପାତ୍ର, ମାୟାଧର ସାହୁ, ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରୁ କଟକ ରେଡ଼କ୍ରସ ଟିମ ମୋଟ ୭୦ ୟୁନିଟ ରକ୍ତ ସଂଗୃହୀତ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଶୁଭାଶିଷ ମିଶ୍ର ଶିବିରକୁ ସଂଯୋଜନା କରିଥିଲେ।

## ତ୍ରିଶୂଳିଆ ଛକରେ ଜଳିଗଲା ଆକ୍ଟିଭା

ବାରଙ୍ଗ,୨୧।୧(ସମିସ): କଟକ-ଭୁବନେଶ୍ୱରକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ତ୍ରିଶୂଳିଆ ଛକଠାରେ ଆଜି ସକାଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଆକ୍ଟିଭା ସ୍କୁଟରରେ ହଠାତ୍ ନିଆଁ ଲାଗିଯିବା ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଚାଳକ ଗାଡ଼ିରୁ ଓହ୍ଲାଇ ଯାଇଥିବାରୁ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ରଘୁନାଥପୁର ଅଞ୍ଚଳରେ ରହୁଥିବା ବିଶ୍ୱରଞ୍ଜନ ମହାନ୍ତି ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ନିଜ ଆକ୍ଟିଭା (ଓଡି ୦୫ ବିୱାଇ ୭୭୦୯) ଯୋଗେ କଟକ ଜଗତପୁର ଅଭିମୁଖେ ଯାଉଥିଲେ। ତ୍ରିଶୂଳିଆ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପରୁ ତେଲ ପକାଇ ସେ ଛକରେ ପହଞ୍ଚିବା ବେଳକୁ ଗାଡ଼ିରୁ ହଠାତ୍ ଧୂଆଁ ବାହାରିଥିଲା। ବିପଦର ଆଶଙ୍କା କରି ବିଶ୍ୱରଞ୍ଜନ ତୁରନ୍ତ ଗାଡ଼ିଟିକୁ ରାସ୍ତା କଡ଼ରେ ରଖି ଓହ୍ଲାଇ ପଡ଼ିଥିଲେ। ଗାଡ଼ିରୁ ଓହ୍ଲାଇବା ମାତ୍ରେ ନିଆଁ ଭୟଙ୍କର ରୂପ ଧାରଣ କରିଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ତାହା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ମାତ୍ର ୨୦ ମିନିଟ୍ ମଧ୍ୟରେ ସ୍କୁଟରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇସାରିଥିଲା। ଗାଡ଼ିରେ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ବ୍ୟସ୍ତବହୁଳ ରାସ୍ତାରେ ଏଭଳି ଅଘଟଣ ଯୋଗୁଁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



### ● ଅଂଶୁମାନ ମହାନ୍ତି କ୍ରିକେଟ ପ୍ରତିଯୋଗିତା

## କିଆଝର କ୍ଲବକୁ ହରାଇ ସେମିରେ ଅତ୍ରି

ତିଗିରିଆ,୨୧।୧(ସମିସ): ତିଗିରିଆ ବ୍ଲକ ଅଧୀନ ମୁନଲାଇଟ ଖେଳ ପଡ଼ିଆରେ ପ୍ରସନ୍ନମଣି କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ନବମ ରାଜ୍ୟସ୍ତରୀୟ ଅଂଶୁମାନ ମହାନ୍ତି କ୍ରିକେଟ ପ୍ରତିଯୋଗିତାର ବୁଧବାର ଆୟୋଜିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଢେଙ୍କାନାଳର କିଆଝର କ୍ରିକେଟ କ୍ଲବକୁ ୫୬ ରନରେ ପରାସ୍ତ କରି ଖୋର୍ଦ୍ଧାର ଅତ୍ରି କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଅତ୍ରି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲେ। ପ୍ରତି ଜବାବରେ କିଆଝର କ୍ରିକେଟ କ୍ଲବ ମାତ୍ର ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଅତ୍ରି ଦଳ ତରଫରୁ ବ୍ୟାଟିଂରେ ଚମତ୍କାର ଶତକ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦିଲ୍ଲୀପ ରାଉତଙ୍କୁ ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ଜ୍ଞାନୋଦୟ ମିଶ୍ର ଓ ଉଦିତ ମହାନ୍ତି ପରିଚାଳନା କରିଥିଲେ।



## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ

ଭଦ୍ରେଶ୍ୱର,୨୧।୧(ସମିସ): ମାହାଙ୍ଗା ବ୍ଲକ ପଲ୍ଲୀସାହି ଗ୍ରାମପଞ୍ଚାୟତ ତୁଳସୀପୁର ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି। ଗତକାଲି ରାତିରେ ତୁଳସୀପୁର ଗ୍ରାମର ମହେଶ୍ୱର ମଲ୍ଲଙ୍କ ପରିବାର ଖାଇପିଇ ଘରେ ଶୋଇଥିଲେ। ଆଜି ବଡିଭୋରରୁ ତାଙ୍କ ଘରେ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଶୋଇଥିଲା ବେଳେ ତାଙ୍କ ଉପରେ ନିଆଁ ପିଣ୍ଡୁଳା ପଡିବା ଯୋଗୁ ପରିବାର ଲୋକେ ଚିତ୍କାର କରି ଘରୁ ପଦାକୁ ବାହାରି ଆସିଥିଲେ। ଏପରିକି ଗୁହାଳରେ ବନ୍ଧା ହୋଇଥିବା ଗାଇଗୋରୁଙ୍କୁ ମଧ୍ୟ ଫିଟାଇ ଦେଇଥିଲେ। ଏହି ଅଗ୍ନିକାଣ୍ଡରରେ ତାଙ୍କର ଘରର ଧାନ ଚାଉଳ, ଆସବାପତ୍ର, ମୂଲ୍ୟବାନ କାଗଜପତ୍ର ସମ୍ପୂର୍ଣ୍ଣ ପୋଡି ଧ୍ୱଂସ ହୋଇଯାଇଥିଲା। ଖବର ପାଇ କୁଆଁପାଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡି ଧ୍ୱଂସ ହୋଇଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ■ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବାଙ୍କୀକୁ ହରାଇ ସେମିରେ ଚୌଦ୍ୱାର



ତିଗିରିଆ,୨୧।୧(ସମିସ): ତିଗିରିଆ ବ୍ଲକ ସୋମପଡା ଚବକା ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ କ୍ରିକେଟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଆଜିର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଙ୍କୀର ବିଏଏ କ୍ରିକେଟ କ୍ଲବକୁ ୬୯ ରନରେ ହରାଇ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଚୌଦ୍ୱାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ଟି ୱିକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲେ। ପ୍ରତି ଜବାବରେ ବାଙ୍କୀ ଦଳ ଚୌଦ୍ୱାର ଦଳର ଶକ୍ତିଶାଳୀ ବୋଲିଂର ସମ୍ମୁଖୀନ ହୋଇ ନ ପାରି ୧୬.୪ ଓଭରରେ ନିଜର ସମସ୍ତ ୱିକେଟ ହରାଇ ମାତ୍ର ୧୮୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଆଜିର ଖେଳରେ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ ପାଇଁ ଚୌଦ୍ୱାର ଦଳର ଭକ୍ତବନ୍ଧୁ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ବ୍ଲକର ଯୁବନେତା ଚିନ୍ମୟ କୁମାର ମଲ୍ଲିକ ଯୋଗଦେଇ ଉଭୟ ଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ମଥୁରା ପ୍ରଧାନ ପରିଚାଳନା କରିଥିଲେ। ସ୍କୋରରେ ଗୋବିନ୍ଦ ଚନ୍ଦ୍ର ବେହେରା, ସଞ୍ଜୟ ଗଣ୍ଡିଆ ସହଯୋଗ କରିଥିବା ବେଳେ ମଳୟ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

### କଟକ ଜିଲ୍ଲା ପରିଷଦର ଦ୍ୱାଦଶତମ ବୈଠକ

# ସାର କଳାବଜାରୀ ରୋକିବାକୁ ନିର୍ଦ୍ଦେଶ

କଟକ,୨୧।୧(ସମିସ):



ଜିଲ୍ଲାର ସାମଗ୍ରିକ ବିକାଶ ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଦ୍ୱାଦଶତମ କଟକ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ସମୀକ୍ଷା କରାଯାଇଛି। ବୈଠକରେ ଉପସ୍ଥିତ କଟକ ସାଂସଦ ଭର୍ତ୍ତୃହରି ମହତାବ ବଡ଼ ମେଡିକାଲ ନିକଟରେ ଥିବା ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଥିଲେ। ଧାନ ବ୍ୟତୀତ ଅନ୍ୟାନ୍ୟ ଶସ୍ୟ ଉତ୍ପାଦନ ଓ ମଣ୍ଡିରେ ଧାନ ବିକ୍ରୟ ପ୍ରକ୍ରିୟାକୁ ସହଜ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସାର କଳାବଜାରୀ ରୋକିବା ଏବଂ ଚାଷୀଙ୍କୁ ଉଚିତ ସମୟରେ ବିହନ ଯୋଗାଇବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଏବଂ ଡେପୁଟେସନରେ ଅନ୍ୟତ୍ର ଥିବା ଶିକ୍ଷକମାନଙ୍କୁ ନିଜ ପୋଷ୍ଟିଂ ସ୍କୁଲକୁ ଫେରାଇ ଆଣିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଅଭାବ ଦୂର କରିବା ଏବଂ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଚିକିତ୍ସା ସୁବିଧାକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ବିଧାୟକମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ନୂତନ ରାସ୍ତା ନିର୍ମାଣ, ମରାମତି ଏବଂ ଡ୍ରେନେଜ୍ ନବୀକରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଓ ପଞ୍ଚାୟତସ୍ତରରେ ଚାଲୁଥିବା ଜନକଲ୍ୟାଣମୂଳକ ଯୋଜନାର ସଫଳତା ପାଇଁ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇଙ୍କ ସମେତ ବିଧାୟକ ପ୍ରଶାନ୍ତ ବେହେରା (ସାଲେପୁର), ପ୍ରକାଶ ଚନ୍ଦ୍ର ସେଠୀ (କଟକ-ସଦର), ବିଜୟ ଦଳବେହେରା (ବଡ଼ମ୍ବା), ଶାରଦା ପ୍ରସାଦ ପ୍ରଧାନ (ମାହାଙ୍ଗା), ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ) ଓ ସୌଭିକ ବିଶ୍ୱାଳ (ଚୌଦ୍ୱାର) ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ଉତଥାପନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ ବୈଠକ ସଂଯୋଜନା କରିଥିବା ବେଳେ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

- ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ନେଇ ସାଂସଦଙ୍କ ସୂଚନା
- ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଓ ଡେପୁଟେସନ ଶିକ୍ଷକଙ୍କ ପ୍ରସଙ୍ଗରେ ଗର୍ଜିଲେ ଜନପ୍ରତିନିଧି



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୯୮ • ପାଉଣ୍ଡ ୧୨୧.୫୩
- ୟୁରୋ ୧୦୫.୩୯ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୯୦୦ (ଭୁବନେଶ୍ୱର)
- ରୁପା : ୩,୨୫,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୯୦୯.୦୦
- ନିଫ୍ଟି ୨୫,୧୫୭.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## କାବୁଲ-ଇସଲାମାବାଦ ବିବାଦ ଚରମସୀମାରେ

# ପାକିସ୍ତାନୀ ଔଷଧ ଆଫଗାନିସ୍ତାନରେ ବିକ୍ରି ମନା




■ ଫେବୃଆରୀ ୧୦ରୁ ବିକ୍ରି କଟକଣା ଲାଗୁ

■ ଆଫଗାନିସ୍ତାନ-ପାକିସ୍ତାନ ବାଣିଜ୍ୟ ମାର୍ଗ ବନ୍ଦ

**ନୂଆଦିଲ୍ଲୀ, ୨୧।୧(ଏଜେନ୍ସି):** ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ବୁଧବାର ଆଫଗାନିସ୍ତାନ ତା'ର ଏହି ପଡ଼ୋଶୀ ଦେଶ ବିରୁଦ୍ଧରେ ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଅନୁଯାୟୀ, ଆଫଗାନିସ୍ତାନରେ ପାକିସ୍ତାନୀ ଔଷଧ ବିକ୍ରି ଉପରେ କଟକଣା ଲାଗୁ କରାଯାଇଛି। ଫେବୃଆରୀ ୧୦ରୁ ପାକିସ୍ତାନୀ ଔଷଧ ଆଫଗାନିସ୍ତାନରେ ବିକ୍ରି ମନା କରାଯାଇଛି। ଏହି ନିଷ୍ପତ୍ତି ପରେ ପାକିସ୍ତାନରୁ ଆମଦାନୀ ହେଉଥିବା ଔଷଧ କୌଣସି ପରିସ୍ଥିତିରେ ପ୍ରକ୍ରିୟାକରଣ କରାଯିବନାହିଁ। ବ୍ୟବସାୟୀମାନଙ୍କୁ ସମୟସୀମା ପୂର୍ବରୁ ସମସ୍ତ ସମ୍ପର୍କିତ ବାଣିଜ୍ୟିକ କାରବାର ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ତାଲିବାନ୍ ସରକାରଙ୍କ ଏହି ନିଷ୍ପତ୍ତି ପାକିସ୍ତାନକୁ ବଡ଼ ଝଟ୍‌କା ଦେଇଛି। ୨୦୨୫ ଶେଷ ଭାଗରେ ଆଫଗାନିସ୍ତାନ-ପାକିସ୍ତାନ ବାଣିଜ୍ୟ ମାର୍ଗ ବନ୍ଦ ହେବା ପରଠାରୁ ଉଭୟ ଦେଶର ବଜାରରେ ଚରମ ପରିବର୍ତ୍ତନ ଏବଂ ଅଭୂତପୂର୍ବ ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି।

୨୦୨୫ ଅକ୍ଟୋବର ୧୧ ରେ ହୋଇଥିବା ତୀବ୍ର ଗୁଳି ବିନିମୟ ପରେ ଦୁଇ ଦେଶ ମଧ୍ୟରେ ଏକ ଅସ୍ତ୍ରବିରତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ଚେଷ୍ଟା କରାଯାଇଥିଲା, କିନ୍ତୁ ଏହା ବିଫଳ ହୋଇଥିଲା। ଡୁରାଣ୍ଡ ଲାଇନ୍ ସର୍ବଦା କାବୁଲ ଏବଂ ଇସଲାମାବାଦ ମଧ୍ୟରେ ବିବାଦର କାରଣ ହୋଇଆସିଛି। ୨,୬୦୦ କିଲୋମିଟରର ଏହି ଲମ୍ବା ସୀମାରେ ବିଭିନ୍ନ ମୋର୍ଚ୍ଚାରେ ଅନେକ ସଂଘର୍ଷ ଘଟିଛି। ଆଫଗାନିସ୍ତାନ ବାଣିଜ୍ୟ କାରବାର ପାଇଁ ଏହି ସୀମା ଦ୍ୱାର ଉପରେ ବହୁଳ ଭାବରେ ନିର୍ଭର କରେ, ଯାହା ଏହାକୁ ଅନ୍ୟ ଦେଶକୁ ସାମଗ୍ରୀ ପଠାଇବା ପାଇଁ ପାକିସ୍ତାନର କରାଚୀ ଏବଂ ଗ୍ୱାଦର ବନ୍ଦରକୁ ପ୍ରବେଶ ଅନୁମତି ଦେଇଥାଏ। ଦ୍ୱିତୀୟ ବାଣିଜ୍ୟ ପଥ ପଶ୍ଚିମରେ ଇରାନ ସୀମା ଦେଇ ଯାଇଛି। କାବୁଲ ଏବଂ ଇସଲାମାବାଦ ମଧ୍ୟରେ ଖରାପ ସମ୍ପର୍କ ମଧ୍ୟରେ ଏହି ଘୋଷଣା ଅସ୍ଥିରତାକୁ ଆହୁରି ବୃଦ୍ଧି କରିବ ବୋଲି ଆଶଙ୍କା କରାଯାଉଛି। ତାଲିବାନ ସରକାରଙ୍କ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି ଯେ, ଆଫଗାନିସ୍ତାନର ସଦିଚ୍ଛା ଏବଂ ଏହାର ମଧ୍ୟସ୍ଥିଙ୍କ ଯଥେଷ୍ଟ ପ୍ରୟାସ ସତ୍ତ୍ୱେ ପାକିସ୍ତାନୀ ପ୍ରତିନିଧିମଣ୍ଡଳର ସହଯୋଗର ଅଭାବ ଏବଂ ଦାୟିତ୍ୱହୀନ ଆଚରଣ ତୁର୍କୀରେ ଆଲୋଚନାର ସଫଳତାକୁ ବାଧା ସୃଷ୍ଟି କରିଥିଲା। ଏହି ସମୟରେ, ଗତ ବର୍ଷ ନଭେମ୍ବର ୧୨ରେ ଅର୍ଥନୈତିକ ବ୍ୟାପାର ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଘନି ବରାଦର ବ୍ୟବସାୟୀ ଏବଂ ଶିଳ୍ପପତିମାନଙ୍କୁ ପାକିସ୍ତାନ ଉପରେ ନିର୍ଭର କରିବା ପରିବର୍ତ୍ତେ ବିକଳ୍ପ ବାଣିଜ୍ୟ ପଥ ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। ସେ ଚେତାବନୀ ଦେଇଥିଲେ ଯେ କାବୁଲ ପାକିସ୍ତାନୀ ମାର୍ଗ ଉପରେ ନିରନ୍ତର ନିର୍ଭରଶୀଳତାରୁ ଉପୁଜିଥିବା କୌଣସି ସମସ୍ୟାର ସମାଧାନ କରିବ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ଇସଲାମାବାଦ ବାରମ୍ବାର ବାଣିଜ୍ୟ ପଥ ବନ୍ଦ କରି ବାଣିଜ୍ୟିକ ମାମଲାକୁ ରାଜନୀତିକରଣ କରିଛି, ଯାହା ଫଳରେ ଉଭୟ ଦେଶର ବ୍ୟବସାୟୀ ଏବଂ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି। ଏହାଫଳରେ କାବୁଲ ଏପରି ନିଷ୍ପତ୍ତି ନେଇଛି।

# ଭାରତ ସହ ଭଲ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର: ଟ୍ରମ୍ପ୍



ଡାଭୋସ୍‌ରେ ଭାରତୀୟ ଶିଳ୍ପ ନେତୃବୃନ୍ଦଙ୍କୁ ଭେଟିବେ ଟ୍ରମ୍ପ୍

**ଡାଭୋସ୍,୨୧।୧(ଏଜେନ୍ସି):** ଭାରତ ସହ ଆମେରିକା ଖୁବ୍ ଶୀଘ୍ର ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଖୁବ୍ ଶୀଘ୍ର ଭାରତ ସହ ଏକ ଭଲ ଚୁକ୍ତି ସ୍ୱାକ୍ଷର ହେବାକୁ ଯାଉଛି। ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି।

ଏଥିସହ ଡାଭୋସ୍‌ରେ ଭାରତୀୟ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦ ଟ୍ରମ୍ପ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ଏପରି ଏକ ସମୟରେ ହେଉଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ୫୦% ଶୁଳ୍କ ଏବଂ କଠୋର ଏଚ୍-୧ବି ଭିସା ନିୟମ ଲାଗୁ କରିଛନ୍ତି। ସ୍ୱିଜରଲ୍ୟାଣ୍ଡ ଯିବା ପୂର୍ବରୁ ଟ୍ରମ୍ପ୍ ମଜାଦାର ଶୈଳୀରେ କରି ମନ୍ତବ୍ୟ ଦେଇଥିଲେ ଯେ, ସେ ସ୍ୱିଜରଲ୍ୟାଣ୍ଡର ଏକ ସୁନ୍ଦର ସ୍ଥାନକୁ ଯାଉଛନ୍ତି, ଯେଉଁଠାରେ ସେ ନିଶ୍ଚିତ ଯେ ଲୋକମାନେ ତାଙ୍କୁ ଅପେକ୍ଷା କରି ବହୁତ ଖୁସି ହେବେ। ତଥାପି, ବାସ୍ତବତା ହେଉଛି ଯେ ୟୁରୋପୀୟ ନେତା ଏବଂ ଭାରତୀୟ ରପ୍ତାନିକାରୀମାନେ ତାଙ୍କର କଠୋର ବାଣିଜ୍ୟ ନୀତିକୁ ନେଇ ଗଭୀର ଚିନ୍ତିତ। ଟ୍ରମ୍ପ୍‌ଙ୍କ ସହ ବୈଠକରେ ତିନୋଟି ସବୁଠାରୁ ବଡ଼ ପ୍ରସଙ୍ଗ ଉପରେ ଆଲୋଚନା ଆଶା କରାଯାଉଛି। ଅପରପକ୍ଷେ ଭାରତୀୟ ସିଇଓମାନଙ୍କ ପାଇଁ, ଏହା କେବଳ ଏକ ସୌଜନ୍ୟମୂଳକ ସାକ୍ଷାତ ନୁହେଁ, ବରଂ ବ୍ୟବସାୟ ବଞ୍ଚାଇବା ପାଇଁ ଏକ ଲଢ଼େଇ। ଟ୍ରମ୍ପଙ୍କ ସ୍ୱାଗତ ପାଇଁ ଡାଭୋସ୍‌ରେ ଥିବା ଭାରତର ୭ଜଣ ପ୍ରଭାବଶାଳୀ ଶିଳ୍ପ ନେତୃବୃନ୍ଦ ହେଉଛନ୍ତି, ଟାଟା ସନ୍ସ ଅଧ୍ୟକ୍ଷ ଏନ. ଚନ୍ଦ୍ରଶେଖରନ, ଭାରତୀ ଏଣ୍ଟରପ୍ରାଇଜେସ୍ ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ, ଗ୍ରୁପ୍ ସିଇଓ, ମହିନ୍ଦ୍ରା ଗ୍ରୁପ୍ ଅନିଶ ଶାହ, ଇନଫୋସିସ୍ ସିଇଓ ସଲିଲ୍ ପାରେଖ, ୱିପ୍ରୋ ସିଇଓ ଶ୍ରୀନି ପାଲିୟା, ସିଏମଡି, ଫିନସର୍ଭ ସିଏମ୍‌ଡି ସଞ୍ଜୀବ ବଜାଜ୍ ଏବଂ ଜୁବିଲାଣ୍ଟ ଭାରତିଆ ଗ୍ରୁପ୍ର ସହାଧ୍ୟକ୍ଷ ହରି ଏସ. ଭାରତିଆ। ଏହା ବ୍ୟତୀତ, ମୁକେଶ ଅମ୍ବାନୀ, ନନ୍ଦନ ନିଲେକାନୀ ଏବଂ ନିଖିଲ କାମଥ୍‌ଙ୍କ ସମେତ ୧୦୦ ରୁ ଅଧିକ ଭାରତୀୟ ଶିଳ୍ପ ନେତୃବୃନ୍ଦ ମଧ୍ୟ ଡାଭୋସ୍‌ରେ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି।

## ଆମେରିକା ଟ୍ରେଜେରୀ ସଚିବଙ୍କ ସୂଚନା

# ଭାରତ ଉପରେ ଲାଗିବନି ୫୦୦% ଟାରିଫ୍ !



ରୁଷଠାରୁ ତେଲ କିଣା କମାଇଛି ନୂଆଦିଲ୍ଲୀ

ଅସଲି ଟାର୍ଗେଟ୍ ଚୀନ୍

**ୱାଶିଂଟନ୍, ୨୧।୧(ଏଜେନ୍ସି):** ଭାରତ ରୁଷଠାରୁ ତେଲ ଆମଦାନୀ କମ୍ କରୁଛି। ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଭାରତ ରୁଷୀୟ ତୈଳ କିଣିବା ଆରମ୍ଭ କରିଥିଲା, କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲାଗୁ କରିବା ପରେ ଭାରତ ଏହାର କ୍ରୟ ହ୍ରାସ କରିଛି। ଏବେ ଭାରତ ମସ୍କୋଠାରୁ ତେଲ ଆମଦାନୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେଇଛି। ତେଣୁ ଭାରତ ଉପରେ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ୫୦୦% ଟାରିଫ୍ ଲାଗିବନାହିଁ ବୋଲି ଆମେରିକାର ଟେଜେରୀ ସଚିବ ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ରୁଷିଆ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୫୦୦% ଶୁଳ୍କ ଲାଗୁ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସିନେଟ୍ ଅନୁମୋଦନର ଆବଶ୍ୟକତା ନାହିଁ। ତଥାପି, ସେ ସ୍ପଷ୍ଟ କରିଛନ୍ତି ଯେ ଏଥର ଶୁଳ୍କ ଧମକର ପ୍ରାଥମିକ ଲକ୍ଷ୍ୟ ଭାରତ ନୁହେଁ, ବରଂ ଚୀନ୍। ଅର୍ଥାତ୍ ଆମେରିକା ଟାର୍ଗେଟ୍‌ରେ ଚୀନ୍ ହିଁ ରହିଛି। ବେସାଣ୍ଟ ଦାବି କରିଛନ୍ତି ଯେ ଆମେରିକାର କଠୋର ବାଣିଜ୍ୟ ନୀତି ଯୋଗୁଁ ଭାରତ ଏହାର ଆମଦାନୀ ନୀତି ପରିବର୍ତ୍ତନ କରିଛି। ବେସେଣ୍ଟ ଯେଉଁ ବିଲ୍ ବିଷୟରେ କହୁଛନ୍ତି, ତାହା ହେଉଛି ରୁଷିଆ ପ୍ରତିବନ୍ଧକ ବିଲ୍ ଯାହା ଅଧୀନରେ ଆମେରିକା ରୁଷିଆରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଅତି କମ୍‌ରେ ୫୦୦% ଶୁଳ୍କ ଲାଗୁ କରିପାରିବ। ଏହି ବିଲ୍‌କୁ ଚଳିତ ମାସ ଆରମ୍ଭରେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଅନୁମୋଦନ ମିଳିଛି। ସେ କହିଛନ୍ତି ଯେ ୪ ବର୍ଷ ପରେ ମଧ୍ୟ ୟୁରୋପ ଏବେ ବି ରୁଷୀୟ ତୈଳ କିଣୁଛି ଏବଂ ଏହିପରି ନିଜ ବିରୁଦ୍ଧରେ ଯୁଦ୍ଧକୁ ପାଣି ଯୋଗାଉଛି। ସେ ଚୀନ୍‌କୁ ରୁଷର ସବୁଠାରୁ ବଡ଼ ତୈଳ କ୍ରେତା ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ ଆମେରିକା ଦୀର୍ଘ ଦିନ ଧରି ଚୀନ୍ ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ଯୋଜନା କରୁଛି। କାରଣ ଏହା ରୁଷଠାରୁ ଶସ୍ତା ତେଲ କିଣି ଯୁଦ୍ଧକୁ ପାଣି ଯୋଗାଉଛି। ଅପରପକ୍ଷେ ଆମେରିକାର ଏହି ରୁଷ ପ୍ରତିବନ୍ଧକ ବିଲ୍ ଉପରେ ଭାରତ ମଧ୍ୟ ପ୍ରତିକ୍ରିୟା ଦେଇଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ପ୍ରସ୍ତାବିତ ବିଲ୍ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଏବଂ ଏହା ସହିତ ଜଡିତ ସମସ୍ତ ବିକାଶ ଉପରେ କଡ଼ା ନଜର ରଖୁଛୁ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ



**ଭୁବନେଶ୍ୱର, ୨୧।୧(ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୁଖ୍ୟ ଶାସନ ସଚିବ ଆଇଏଏସ ଅନୁ ଗର୍ଗଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ଏହି ଅବସରରେ ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶର ପ୍ରଗତି ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଗଠନମୂଳକ ଏବଂ ବ୍ୟାପକ ଆଲୋଚନା କରିଛନ୍ତି।

ଏହି ବୈଠକରେ ମହାପ୍ରବନ୍ଧକ ସାଧାରଣତଃ ବଡ଼ ଧରଣର ରେଳ କାର୍ଯ୍ୟରେ ଉପୁଜୁଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥଲେ। ଏଥିରେ ଭୂମି ଅଧିଗ୍ରହଣ, ଜଙ୍ଗଲ ଅଧିକାର, ଜବରଦଖଲ ଉଚ୍ଛେଦ, ଉପଯୋଗୀତା ସ୍ଥାନାନ୍ତର ଏବଂ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଆଇନଗତ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସମ୍ବନ୍ଧୀୟ ପ୍ରସଙ୍ଗ ଅନ୍ତର୍ଭୁକ୍ତ। ସେ ରୋଡ୍ ଓଭର ବ୍ରିଜ୍ (ଆର୍‌ଓବି) ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ଭଳି କାର୍ଯ୍ୟର ସୁଗମ ସମ୍ପାଦନ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରାଜ୍ୟରେ ରେଳବାଇ କାର୍ଯ୍ୟକୁ ସହଜ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଥିବା ସହଯୋଗକୁ ମହାପ୍ରବନ୍ଧକ ପ୍ରଶଂସା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଆଶ୍ୱାସନା ଦେଇଥିଲେ ଯେ ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସହିତ ପରାମର୍ଶ କରି ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ଅନୁଧ୍ୟାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସେ ସମସ୍ୟାର ଶୀଘ୍ର ସମାଧାନ ଏବଂ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ଜିନ୍ଦଲ ଷ୍ଟେନଲେସ୍‌ର ଆର୍ଥିକ ଫଳାଫଳ ଘୋଷିତ

**ମୁମ୍ବଇ, ୨୧।୧ :** ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍) ବୋର୍ଡର ନିର୍ଦ୍ଦେଶକମାନଙ୍କ ଦ୍ୱାରା ଆଜି କମ୍ପାନୀର ତୃତୀୟ ତ୍ରୈମାସିକ (ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ) ଆର୍ଥିକ ଫଳାଫଳ ଘୋଷଣା ହୋଇଛି। କମ୍ପାନୀର ବିକ୍ରି ମୂଲ୍ୟ ରେକର୍ଡ ସ୍ତରରେ ୬,୪୯,୮୫୭ ଟନ୍ ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୧୦.୬% ବୃଦ୍ଧି ପାଇଛି। ସେହିଭଳି ଷ୍ଟାଣ୍ଡଏଲୋନ୍ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୬୩୨ କୋଟି ରହିଛି ଏବଂ ବର୍ଷ ପରେ ବର୍ଷ ଆଧାରରେ ୫.୬% ବୃଦ୍ଧି ପାଇଛି। ଷ୍ଟାଣ୍ଡଏଲୋନ୍ ଇବିଆଇଟିଡିଏ ଏବଂ ପ୍ୟାଟ୍ ମୂଲ୍ୟ ଯଥାକ୍ରମେ ଭାରତୀୟ ମୁଦ୍ରାରେ ୧,୧୦୩ କୋଟି ଓ ୬୬୬ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ଯଥାକ୍ରମେ ୧୦.୦% ଏବଂ ୭.୬% ବୃଦ୍ଧି ହାର ରହିଛି। ସମ୍ମିଳିତ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୫୧୮ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୬.୨% ବୃଦ୍ଧି ପାଇଛି।

# ଏମ୍ପ୍ରିଓ କିଆରେ ନୂତନ କିଆ ସେଲଟସ୍‌ର ସ୍ୱତନ୍ତ୍ର ପ୍ରିଭ୍ୟୁ




**ଭୁବନେଶ୍ୱର, ୨୧।୧ (ସମିସ):** ଭୁବନେଶ୍ୱରସ୍ଥିତ ପଟିଆ ସ୍ଥିତ ଏମ୍ପ୍ରିଓ କିଆ ପ୍ରିମିୟମ ପ୍ରାଇଭେଟ୍ ଲିମିଟେଡ୍‌ରେ ନୂତନ କିଆ ସେଲଟୋସ୍‌ର ଏକ ସ୍ୱତନ୍ତ୍ର ପ୍ରିଭ୍ୟୁ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ପ୍ରିଭ୍ୟୁ ରେ ସମ୍ପୂର୍ଣ୍ଣ ନୂତନ କିଆ ସେଲଟୋସ୍‌ର ବୋଲ୍ଡ ଡିଜାଇନ୍, ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରିମିୟମ ଆରାମ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା, ଯାହା ଏସୟୁଭି ବର୍ଗରେ ଏହାର ଦୃଢ଼ ଉପସ୍ଥିତିକୁ ଆହୁରି ମଜଭୁତ କରିଛି। ଅତିଥିମାନେ ଗାଡ଼ିର ଆଧୁନିକ ଶୈଳୀ, ଟ୍ରିନିଟି ପାନୋରାମିକ ଡିସପ୍ଲେ ଏବଂ ଅତ୍ୟାଧୁନିକ ଡ୍ରାଇଭର-ଆସିଷ୍ଟାନ୍ସ ଫିଚରଗୁଡ଼ିକୁ ବହୁତ ପସନ୍ଦ କରିଥିଲେ, ଯାହା ଦୈନନ୍ଦିନ ଡ୍ରାଇଭିଂ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। କାର୍ଯ୍ୟକ୍ରମ ଅବସରରେ ଏମ୍ପ୍ରିଓ କିଆର ସିଇଓ ସନ୍ଦୀପ ଓଝା, ଏମ୍ପ୍ରିଓ ଏମଜିର ସିଇଓ ପାର୍ଥସାରଥୀ ଗୁରୁ, ରି-ୱାୟାରରୁ ଅପୂର୍ବା ରୀତ, ସ୍କୋଡାର ଜିଏମ ରଘୁବୀର ବର୍ମା, ଏମ୍ପ୍ରିଓ କିଆର ବିଜନେସ୍ ଡେଭଲପମେଣ୍ଟ ମ୍ୟାନେଜର, ଅବିନାଶ ମଣ୍ଡଳଙ୍କ ଏବଂ ରି-ୱାୟାରର ସିଇଓ ମହମ୍ମଦ ଅଜହର ପ୍ରମୁଖ ଉପସ୍ଥିତ ଥିଲେ। ତନ କିଆ ସେଲଟୋସ୍‌କୁ ଦେଖିବା ମାତ୍ରେ ହିଁ ଏହା ଆପଣଙ୍କୁ ପ୍ରଭାବିତ କରିବା ଭଳି ଡିଜାଇନ୍ କରାଯାଇଛି। ଏହାର ଏଲ୍‌ଇଡି ପ୍ରୋଜେକ୍ଟର ହେଡଲ୍ୟାମ୍ପ, ଡାଇନାମିକ ୱେଲକମ୍ ଲାଇଟ୍ ଏବଂ ପ୍ରିମିୟମ ଡିଟେଲିଂ ସହିତ ବୋଲ୍ଡ ଫ୍ରଣ୍ଟ ଲୁକ୍, ଏହି ଏସୟୁଭିକୁ ଅନ୍ୟ ଏସୟୁଭି ଅପେକ୍ଷା ସ୍ୱତନ୍ତ୍ର କରିଥିବା ଏମ୍ପ୍ରିଓ କିଆର ସିଇଓ ସନ୍ଦୀପ ଓଝା କହିଛନ୍ତି।

# ୮ମ ବେତନ ଆୟୋଗ ପାଇଁ ମିଳିଲା କାର୍ଯ୍ୟାଳୟ

## କର୍ମଚାରୀଙ୍କ ଦରମା, ପେନସନ ନିଷ୍ପତ୍ତି ଉପରେ ଆଲୋଚନା ପାଇଁ ହେବ ବୈଠକ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ୮ମ ବେତନ ଆୟୋଗକୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ବେତନ ଆୟୋଗ ଗଠନର ପ୍ରାୟ ୮୬ ଦିନ ପରେ ଆୟୋଗଙ୍କ କାର୍ଯ୍ୟାଳୟ ପାଇଁ ଦିଲ୍ଲୀରେ ସରକାର ଏକ ଘର ଯୋଗାଇ ଦେଇଛନ୍ତି।

ସରକାର ନୂଆଦିଲ୍ଲୀସ୍ଥିତ ଜନପଥର ଚନ୍ଦ୍ରଲୋକ ଭବନରେ ୮ମ କେନ୍ଦ୍ରୀୟ ବେତନ ଆୟୋଗଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ଆୟୋଗଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ମାତ୍ରେ କେନ୍ଦ୍ରୀୟ କର୍ମଚାରୀଙ୍କ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଉପରେ କାର୍ଯ୍ୟ ଆରମ୍ଭ ହେବ। ଷ୍ଟାଫ୍ ସାଇଡ୍ ୮ମ ବେତନ ଆୟୋଗ ପାଇଁ ଏକ ସାଧାରଣ ସ୍ମାରକପତ୍ର ପ୍ରସ୍ତୁତ କରିବାର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଫେବୃଆରୀ ୨୫ ସକାଳ ୧୦ଟା ୩୦ରେ ଚିଠା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ଏହି ବୈଠକ ନୂଆଦିଲ୍ଲୀର ୧୩ ସି ଫିରୋଜଶାହା ରୋଡ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଚିଠା କମିଟିର ସଦସ୍ୟମାନେ ଫେବୃଆରୀ ୨୫ରୁ ଏକ ସପ୍ତାହ ପାଇଁ ଦିଲ୍ଲୀରେ ରହିବେ, ଯାହା ଦ୍ୱାରା ଦରମା, ଭତ୍ତା, ପଦୋନ୍ନତି, ପେନସନ୍ ଏବଂ ସେବା ସର୍ତ୍ତାବଳୀ (୮ମ ସିପିସି ଦରମା ଏବଂ ପେନସନ୍ ସଂଶୋଧନ) ପରି ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯିବ ଏବଂ ପ୍ରସ୍ତାବଗୁଡ଼ିକୁ ଚୂଡ଼ାନ୍ତ କରାଯିବ। ଏହାର ଅର୍ଥ ହେଉଛି ସମଗ୍ର ସପ୍ତାହ କେବଳ ଏକ ବୈଠକରେ ନୁହେଁ, ବରଂ ମାନସ ମନ୍ଥନରେ ବିତିଯିବ। ପତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ୮ମ ବେତନ ଆୟୋଗଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ, କର୍ମଚାରୀମାନେ ସ୍ମାରକପତ୍ର ଦାଖଲ କରିପାରିବେ। ଏହି କାରଣରୁ ପ୍ରସ୍ତୁତି ଜୋରଦାର କରାଯାଇଛି।

# ରୟାଲ କଲେଜର ୨୩ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୧।୧(ସମିସ):** ଆବାସିକ +୨ ବିଜ୍ଞାନ ମହାବିଦ୍ୟାଳୟ, ରୟାଲ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଏହାର ୨୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜର ମୁଖପତ୍ର 'ଦି ଏଲାନ୍ ଭାଇଟାଲ' ଉନ୍ମୋଚିତ ହୋଇଥିଲା। ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତଃ ପ୍ର.(ଡ.) ଅମୂଲ୍ୟ କୁମାର ପଣ୍ଡାଙ୍କ ଦ୍ୱାରା ସ୍ଥାପିତ 'ରୟାଲ ଟିଚର ଅଫ୍ ଦି ଇୟର ଆୱାର୍ଡ -୨୦୨୫-୨୬ ପାଇଁ ଅଧ୍ୟାପକ ଡ଼. ପଙ୍କଜ କୁମାର ଜେନା ଏବଂ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ମାନୀତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ସମ୍ବଲପୁରର ପୂର୍ବତନ ଆର୍‌ଡିସି ତଥା ଅବସରପ୍ରାପ୍ତ ଆଇଏଏସ୍ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ, ଟେକ୍ସଟ ବୁକ୍ ବ୍ୟୁରୋର ପୂର୍ବତନ ନିର୍ଦ୍ଦେଶକ ଡ. ଆର. ପି. ରୁଥ୍ ଏବଂ ବିଶିଷ୍ଟ ପରିବେଶବିତ୍ ତଥା ପୂର୍ବତନ ପ୍ରାଧ୍ୟାପକ ଡ଼କ୍ଟର ଜୟକୃଷ୍ଣ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

# 'ଚେଞ୍ଜ ଦ ସୋଚ୍-କନ୍ୟାକୁମାରୀ ଟୁ କାଶ୍ମୀର ଡ୍ରାଇଭ'ର ଶୁଭାରମ୍ଭ

**ମୁମ୍ବଇ,୨୧।୧(ଏଜେନ୍ସି):** ଫ୍ରାଙ୍କଲିନ ଟେମ୍ପଲ୍‌ଟନ (ଇଣ୍ଡିଆ) ଆର୍ଥିକ ସଶକ୍ତିକରଣକୁ ବିଶେଷକରି ମହିଳାମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଧରଣର ଏକ ପ୍ରଥମ ରାଷ୍ଟ୍ରବ୍ୟାପୀ ଅଭିଯାନ 'ଚେଞ୍ଜ୍ ଦ ସୋଚ୍- କନ୍ୟାକୁମାରୀ ଟୁ କାଶ୍ମୀର ଡ୍ରାଇଭ' ଶୁଭାରମ୍ଭ କରିଛି। ଭାରତରେ ଫ୍ରାଙ୍କଲିନ ଟେମ୍ପଲ୍‌ଟନ୍‌ର ୩୦ ବର୍ଷ ପାଳନ କରିବାକୁ ଯାଇ ଏହି ୩୦ ଦିନ ବ୍ୟାପୀ ଯାତ୍ରା ଦେଶର ଦକ୍ଷିଣଭାଗରେ କନ୍ୟାକୁମାରୀରୁ ଆରମ୍ଭ ହେବ ଏବଂ ଏହା ୨୧ଟି ସହର ଦେଇ ଜମ୍ମୁ ଓ କାଶ୍ମୀରର ଶ୍ରୀନଗରରେ ପରିସମାପ୍ତ ହେବ। ଆନ୍ତଃକ୍ରିୟାଶୀଳ ଆର୍ଥିକ ଶିକ୍ଷା ଅଧିବେଶନଗୁଡିକ ବିଶେଷଜ୍ଞଙ୍କ ଅନ୍ତର୍ଦୃଷ୍ଟି ଏବଂ ଗୋଷ୍ଠୀ ନିୟୋଜନତା ଜରିଆରେ ଏହି ଅଭିଯାନ ମ୍ୟୁଚୁଆଲ ଫଣ୍ଡରେ ନିବେଶ ସମ୍ପର୍କରେ ସରଳ ଭାଷାରେ ବୁଝାଇବା ଏବଂ ହଜାର ହଜାର ଭାରତୀୟଙ୍କୁ ସେମାନଙ୍କ ଆର୍ଥିକ ଭବିଷ୍ୟତର ଦାୟିତ୍ୱ ନିଜେ ନେବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ଲକ୍ଷ୍ୟ ରଖିଛି।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ରିଜିଓନାଲ ପିଆର ଆୱାର୍ଡ

**ଭୁବନେଶ୍ୱର,୨୧।୧(ସମିସ):** ଆଡଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ସ୍ଥାନ ପାଇବା ସହିତ ଶ୍ରେଷ୍ଠ ରିଜିଓନାଲ ପିଆର ଆୱାର୍ଡରେ ସମ୍ମାନିତ ହୋଇଛି। ଇଣ୍ଡିଆସ୍ ରିଜିଓନାଲ ପିଆର ଆୱାର୍ଡସ (ଆଇଆରପିଆରଏ) ୨୦୨୫ ଆଞ୍ଚଳିକ ଭାରତରେ ଲୋକ ସମ୍ପର୍କ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏଜେନ୍ସିକୁ ଏହି ସ୍ୱୀକୃତି ମିଳିଛି। ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ପ୍ରତିଷ୍ଠିତି ଆରପିଆରଏ ୨୦୨୫ ଆୱାର୍ଡସ ୨୦୨୬ରେ ସମ୍ମାନିତ ହୋଇଛନ୍ତି। ବିଜୟିତା ତ୍ରିପାଠୀଙ୍କୁ ବେଷ୍ଟ କ୍ରିଏଟିଭ ଏଣ୍ଟରଟେନମେଣ୍ଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଙ୍ଗ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପ୍ସରେ ସମ୍ମାନିତ କରାଯାଇଛି।

